# NATIONAL NEWS BULLETIN (ODIA)

## 3rd June - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଏ.ଟି.ଏଫ୍. ମୂଲ୍ୟରେ ସ୍ଥିରତା ବଜାୟ ରଖିବାପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କାର ବଜେଟ୍ ସହାୟତା ମଞ୍ଜୁର କଲେ କେନ୍ଦ୍ର କ୍ୟାବିନେଟ୍ ।

- ପୁରୀରେ ଆରମ୍ଭ ହେଲା ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ ବ୍ରିକ୍ସ ରାଷ୍ଟ୍ରସମୂହ ବୈଠକ ।

- କର୍ଣ୍ଣାଟକର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଡି.କେ. ଶିବକୁମାର ।

- ପ୍ରସ୍ତାବିତ ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହେବା ନେଇ ଆଶା ପ୍ରକାଶ କଲେ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ।

ଏବଂ

- ଇଣ୍ଡୋନେସିଆ ଓପନ୍ ସୁପର ଥାଉଜାଣ୍ଡ୍ ବ୍ୟାଡ୍‌ମିଣ୍ଟନର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କଲେ ଆୟୁଷ ସେଟ୍ଟୀ ।

## କ୍ୟାବିନେଟ୍ ଡିସିସନ୍

କେନ୍ଦ୍ର କ୍ୟାବିନେଟ୍ ଭାରତୀୟ ବିମାନ କମ୍ପାନୀଗୁଡ଼ିକୁ ସେମାନଙ୍କର ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନସେବା ପାଇଁ ଜେଟ୍ ଇନ୍ଧନ - ଏ.ଟି.ଏଫ୍. ମୂଲ୍ୟରେ ସ୍ଥିରତା ବଜାୟ ରଖିବା ନିମନ୍ତେ ତୈଳ ବିପନଣନ କମ୍ପାନୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କାର ଏକକାଳୀନ ବଜେଟ୍ ସହାୟତା ମଞ୍ଜୁର କରିଛନ୍ତି । ପଶ୍ଚିମ ଏସିଆ ସଂଘର୍ଷ ଯୋଗୁଁ ଏ.ଟି.ଏଫ୍. ମୂଲ୍ୟରେ ଅସ୍ଥିରତା ଲାଗି ରହିଥିଲା । ଏ.ଟି.ଏଫ୍. ମୂଲ୍ୟ ନିର୍ଦ୍ଧାରଣକୁ ସହଜ କରିବାପାଇଁ ତୈଳ ବିପଣନ କମ୍ପାନୀଗୁଡ଼ିକୁ ଏହି ସହାୟତା ପ୍ରଦାନ କରାଯିବ ।

ନୂଆଦିଲ୍ଲୀରେ ଆଜି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି, ଏହା ଏକ ଆତ୍ମନିର୍ଭରଶୀଳ ରାଜସ୍ୱ ଉତ୍ପନ୍ନକାରୀ ପାଣ୍ଠି, ଯାହା ଅନୁସୂଚିତ ଭାରତୀୟ ବିମାନ କମ୍ପାନୀଗୁଡ଼ିକପାଇଁ ଏ.ଟି.ଏଫ୍. ମୂଲ୍ୟ ସ୍ଥିର କରିବାରେ ସହାୟକ ହେବା ସହିତ ବିମାନସେବା କ୍ଷେତ୍ର ସହ ଜଡ଼ିତ ୭୭ ଲକ୍ଷ କର୍ମଚାରୀଙ୍କୁ ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିବ ।

ବେସାମରିକ ବିମାନ ଚଳାଚଳ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏବଂ ଖର୍ଚ୍ଚ ବିଭାଗର ପ୍ରତିନିଧିମାନଙ୍କୁ ନେଇ ଗଠିତ ତଦାରଖ କମିଟି' କାର୍ଯ୍ୟାନ୍ୱୟନ ଦାବି ଯାଞ୍ଚ୍ ସମନ୍ୱୟ ଏବଂ ସମାଧାନର ତଦାରଖ

କରିବ । ଏ.ଟି.ଏଫ୍. ମୂଲ୍ୟ ସ୍ଥିରୀକରଣ ସମର୍ଥନ ୩୬ ମାସପାଇଁ ବଳବତ୍ତର ରହିବ । ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଅନ୍ତର୍ଜାତୀୟ ଏ.ଟି.ଏଫ୍. ମୂଲ୍ୟ ମାର୍ଚ୍ଚ ମାସରେ ଅଢ଼େଇଗୁଣା ବୃଦ୍ଧିପାଇ ଚଳିତ ବର୍ଷ ମଇ ମାସରେ ଲିଟର ପିଥା୧୪୨ ଟଙ୍କାରେ ପହଞ୍ଚିଛି ।

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ପୁରୁଣା ଟ୍ରକ୍ ଏବଂ ବସ୍ ବଦଳାଇବାପାଇଁ ଜାତୀୟ ରାଜଧାନୀ କ୍ଷେତ୍ର ଯୋଜନା ବୋର୍ଡ଼କୁ ସହାୟତାପାଇଁ ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୯ ହଜାର ୫୮୫ କୋଟି ଟଙ୍କା ବ୍ୟୟ ବରାଦ ସହ ଏହି ଯୋଜନା ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ପଞ୍ଜିକୃତ ଟ୍ରକ୍ ଏବଂ ବସ୍ ମାଲିକମାନଙ୍କୁ ବି.ଏସ୍.-୪ କିମ୍ବା ପୂର୍ବ ନିର୍ଗମନ ମାନଦଣ୍ଡ ପାଳନ କରୁଥିବା ଟ୍ରକ୍ ଏବଂ ବସ୍ ମାଲିକମାନଙ୍କୁ ବି.ଏସ୍.-୬ କିମ୍ବା ବୈଦ୍ୟୁତିକ ଯାନ ସହିତ ବଦଳାଇବାକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ସ୍ୱଚ୍ଛ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଏହି ଦୁଇବର୍ଷିଆ ଯୋଜନାର ଲକ୍ଷ୍ୟ ରହିଛି । ଏହି ଯୋଜନା ଅନ୍ତର୍ଗତ ପ୍ରାୟ ୨ ଲକ୍ଷ ଟ୍ରକ୍ ଏବଂ ୧୬ ହଜାର ବସ୍ ବଦଳାଇ ଦିଆଯିବ ।

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଓଡ଼ିଶାର ରାମେଶ୍ୱରରୁ ପାରାଦ୍ୱୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥ ନିର୍ମାଣକୁ ମଧ୍ୟ ଅନୁମୋଦନ କରିଛି, ଯାହାର ମୋଟ୍ ଦୈର୍ଘ୍ୟ ୧୬୩ କିଲୋମିଟରରୁ ଊର୍ଦ୍ଧ୍ୱ

ହେବ । ଏହି ରାଜପଥ ପ୍ରକଳ୍ପ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲ୍ଲା ଦେଇ ଗତି କରିବ । ୮ ହଜାର ୩ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ଶେଷ ହେବା ପରେ ରାମେଶ୍ୱର ଏବଂ ପରାଦ୍ୱୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ ପାଇବାର ଆଶା କରାଯାଉଛି ।

***Voice (Baishnav-Odisha Highway)*** :....

ଏତଦ୍‌ବ୍ୟତୀତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ୩ ହଜାର ୯୩୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ବିହାରରେ ୩୧ ନମ୍ବର ଏବଂ ୨୩୧ ନମ୍ବର ଜାତୀୟ ରାଜପଥର ଖଗାରିଆ-ପୁର୍ଣ୍ଣିଆ ସେକ୍ସନ୍‌କୁ ୪ ଲେନ୍ ପର୍ଯ୍ୟନ୍ତ ଉନ୍ନତୀକରଣକୁ ମଧ୍ୟ ଅନୁମୋଦନ କରିଛି । ଏହି ପ୍ରକଳ୍ପ ବିହାରର ପ୍ରମୁଖ ଅର୍ଥନୈତିକ-ସାମାଜିକ ଏବଂ ପରିବହନ ପରିଚାଳନାକୁ ସୁଗମ ସଂଯୋଗ ପ୍ରଦାନ କରିବ ।

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ ପୁରୀରେ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ ଆଜିଠାରୁ ଆରମ୍ଭ ହୋଇଛି। ପ୍ରତିରୋଧ କ୍ଷମତା, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶର ନିର୍ମାଣ ଶୀର୍ଷକରେ ଏହି ବୈଠକ ଆୟୋଜିତ ହୋଇଛି।

ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ବିଭାଗ ମୁଖ୍ୟ ଡକ୍ଟର କୃଷ୍ଣ ସ୍ୱରୂପ ଭତ୍ସା କହିଛନ୍ତି, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଆଗାମୀ ଦିନରେ ସାଧାରଣ ଶିକ୍ଷା, ସହଯୋଗ ଓ ଅନୁଭବ ବିନିମୟ ମାଧ୍ୟମରେ ସ୍ଥାୟୀ ଓ ବିପର୍ଯୟ ବିପଦ ହ୍ରାସ ବ୍ୟବସ୍ଥା ଗଠନ ଦିଗରେ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଶ୍ରୀ ଭତ୍ସା ଆଶା ବ୍ୟକ୍ତ କରିଛନ୍ତି। ସମୁଦାୟ ଭିତ୍ତିକ ବିପର୍ଯ୍ୟୟ ବିପଦ ହ୍ରାସ, ପରିଚାଳନା ପାଇଁ ଅର୍ଥବ୍ୟବସ୍ଥା, ବହୁମୁଖୀ ପୂର୍ବ ସତର୍କତା ବ୍ୟବସ୍ଥା, ସ୍ଥିର ଭିତ୍ତିଭୂମି, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ଅନ୍ୟ ବକ୍ତାମାନେ ଆଲୋଚନାରେ ଭାଗ ନେଇ ମତ ବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଭାରତ ସମେତ ବ୍ରାଜିଲ, ରୁଷିଆ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ସାଉଦିଆରବ, ଇଜିପ୍ଟ ଏବଂ ୟୁଏଇର ପ୍ରତିନିଧିଗଣ ଯୋଗଦେଇଛନ୍ତି। ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବୈଦେଶିକ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

## କର୍ଣ୍ଣାଟକ ସି.ଏମ୍. - ସୋର୍ଣ୍ଣ ଇନ୍

କର୍ଣ୍ଣାଟକରେ କଂଗ୍ରେସ ବିଧାୟକ ଦଳ ନେତା ଡି. କେ. ଶିବକୁମାର ଆଜି ରାଜ୍ୟର ୨୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟପାଳ ଥୱରଚାନ୍ଦ ଗେହଲଟ୍ ବେଙ୍ଗାଲୁରୁଠାରେ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ପୂର୍ବତନ ଗୃହମନ୍ତ୍ରୀ ଡକ୍ଟର ଜି. ପରମେଶ୍ୱର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ସେମାନଙ୍କ ସହ ୧୨ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

## ପି.ଏମ୍.-ଡି.କେ. ଶିବକୁମାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି' କର୍ଣ୍ଣାଟକର ନୂଆ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ତାଙ୍କ କାର୍ଯ୍ୟକାଳପାଇଁ ଶୁଭେଚ୍ଛା ଜଣାଇବା ସହ ଜନକଲ୍ୟାଣପାଇଁ କେନ୍ଦ୍ର ସରକାର କର୍ଣ୍ଣାଟକ ସରକାରଙ୍କ ସହିତ ମିଳିମିଶି କାର୍ଯ୍ୟ କରିବେ ବୋଲି କହିଛନ୍ତି ।

## ମହା ଇଣ୍ଡିଆ-ୟୁ.ଏସ୍. ଟ୍ରେଡ୍ ଟକ୍

ଭାରତରେ  ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ କହିଛନ୍ତି, ପ୍ରସ୍ତାବିତ ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିର ୯୯ ପ୍ରତିଶତ ଚୂଡ଼ାନ୍ତ ହୋଇସାରିଛି ଏବଂ ଅବଶିଷ୍ଟ ସମସ୍ୟାର ସମାଧାନପାଇଁ ଉଭୟ ପକ୍ଷ କାର୍ଯ୍ୟ କରୁଛନ୍ତି । ମୁମ୍ବାଇଠାରେ ଆୟୋଜିତ ‘ସିଟି-୨୦୨୬ ଇଣ୍ଡିଆ କନ୍‌ଫରେନ୍ସ’ରେ ସେ ଆଶା ପ୍ରକଟ କରି କହିଛନ୍ତି, ଆସନ୍ତା କିଛି ସପ୍ତାହ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇପାରେ ।

ଶ୍ରୀ ଗୋର୍ ଆସନ୍ତାକାଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ୍‌ଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟସୂଚୀ ରହିଛି । ଭାରତ-ଆମେରିକା ସମ୍ପର୍କକୁ ଆଧୁନିକ ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଭାବେ ବର୍ଣ୍ଣନା କରି ଶ୍ରୀ ଗୋର୍ କହିଛନ୍ତି, ଉଭୟ ଦେଶ ମଧ୍ୟରେ ସହଯୋଗ, ବିଶ୍ୱ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଯୋଗାଣ ଶୃଙ୍ଖଳ ଏବଂ ସୁରକ୍ଷାର ଭବିଷ୍ୟତକୁ ରୂପରେଖ ଦେବାରେ ସହାୟକ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପଙ୍କଦ୍ୱାରା ଆରମ୍ଭ ହୋଇଥିବା ଟ୍ରଷ୍ଟ କାର୍ଯ୍ୟକ୍ରମ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଫାର୍ମାସ୍ୟୁଟିକାଲ୍‌ସ ଏବଂ ସୁରକ୍ଷିତ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ଚାଲିଥିବା ସହଯୋଗକୁ ସେ ଗୁରୁତ୍ୱ ଦେଇଛନ୍ତି । ସମ୍ପ୍ରତି ଆମେରିକାଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ପଦକ୍ଷେପ

ଉପରେ ଶ୍ରୀ ଗୋର୍ ସ୍ପଷ୍ଟୋକ୍ତି କରି କହିଛନ୍ତି, ଏହା ଏକ ବ୍ୟାପକ ବିଶ୍ୱ ବାଣିଜ୍ୟ ସମୀକ୍ଷା ପ୍ରକ୍ରିୟାର ଅଂଶ ଏବଂ ଏହା ବିଶେଷ ଭାବେ ଭାରତକୁ ଲକ୍ଷ୍ୟ କରି କରାଯାଇ ନାହିଁ ।

## ପି.ଏମ୍. - ଡେନ୍ମାର୍କ ପି.ଏମ୍.

ଡେନ୍ମାର୍କର ତୃତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମେଟ୍ଟେ ଫ୍ରେଡେରିକ୍ସେନ୍'ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଭାରତ ଓ ଡେନ୍ମାର୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ, ସମାନ ଚିନ୍ତାଧାରା ଏବଂ ଏକ ସ୍ଥାୟୀ ଭବିଷ୍ୟତପାଇଁ ମିଳିତ ପ୍ରତିବଦ୍ଧତା ଉପରେ ଆଧାରିତ ଏକ ସୁଦୃଢ଼ ଭାଗିଦାରୀ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ଡେନ୍ମାର୍କ ସବୁଜ ରଣନୈତିକ ଭାଗିଦାରୀକୁ ସଶକ୍ତ କରିବା ଏବଂ ଉଭୟ ଦେଶର ଜନସାଧାରଣଙ୍କ ସ୍ୱାର୍ଥପାଇଁ ଏହି ସହଯୋଗକୁ ନୂତନ ଶିଖରରେ ପହଞ୍ଚାଇବାକୁ ଶ୍ରୀ ଫ୍ରେଡେରିକ୍ସେନ୍ଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଗ୍ରହୀ ଅଛନ୍ତି ବୋଲି କହିଛନ୍ତି ।

## କୁଏତ୍ ଏୟାର୍ ପୋର୍ଟ ଷ୍ଟ୍ରାଇକ୍

କୁଏତ୍ ଅନ୍ତର୍ଜାତୀୟ ବିମାନ ବନ୍ଦରର ମୁଖ୍ୟ ଯାତ୍ରୀବାହୀ ଟର୍ମିନାଲ୍ ଉପରେ ଆଜି ସକାଳେ ଏକ ଇରାନୀ ଡ୍ରୋନ୍ ଆକ୍ରମଣ ଫଳରେ ବ୍ୟାପକ କ୍ଷତି ହୋଇଛି । ଘଟଣାରେ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି । ଇତିମଧ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଉପସାଗରୀୟ ଅଞ୍ଚଳରେ ବିଗିଡ଼ିବାରେ ଲାଗିଛି । ଆକ୍ରମଣ ସମୟରେ କୁଏତ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏକାଧିକ ଇରାନୀ କ୍ଷେପଣାସ୍ତ୍ର ଓ ଡ୍ରୋନ୍‌କୁ ପ୍ରତିହତ କରିଥିଲା । କିନ୍ତୁ ଗୋଟିଏ ଆକ୍ରମଣ ୧ ନମ୍ବର ଟର୍ମିନାଲ୍‌କୁ ଭେଦ କରିଥିଲା । ବିମାନ ବନ୍ଦରର ସଂରଚନା ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ସମସ୍ତ ବାଣିଜ୍ୟିକ ବିମାନ ଚଳାଚଳକୁ ତୁରନ୍ତ ସ୍ଥଗିତ ରଖିବାକୁ ପଡ଼ିଛି । କୁଏତ୍ ଅଭିମୁଖେ ଆସୁଥିବା ବିମାନଗୁଡ଼ିକୁ ଆଞ୍ଚଳିକ ପଡ଼ୋଶୀ ବିମାନ ବନ୍ଦର ଆଡ଼କୁ ବଦଳାଇ ଦିଆଯାଉଛି । ତେବେ ପରବର୍ତ୍ତୀ ସମୟରେ କୁଏତ୍ ଏୟାରଓ୍ୱେଜ୍ ଏକ ଅଲଗା କ୍ଷତିଗ୍ରସ୍ତ ନ ହୋଇଥିବା ଟର୍ମିନାଲ୍‌କୁ ସୀମୀତ ବିମାନ ଚଳାଚଳ କରିବାରେ ସଫଳ ହୋଇଛି । କୁଏତ୍ ଉପରେ ହୋଇଥିବା ଏହି ଆକ୍ରମଣ ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକାର ନୌସେନା ଅବରୋଧକୁ ଏଡ଼ାଇବାକୁ ଚେଷ୍ଟା କରୁଥିବା ବୋତ୍ସୁଆନା ଧ୍ୱଜାଧାରୀ ତୈଳ ଟ୍ୟାଙ୍କର 'ଏମ୍.ଟି. ଲେକ୍ସି'କୁ ଆମେରିକୀୟ ସେନା ଅଚଳ କରିଦେବା ପରେ ଶତ୍ରୁତା ତୀବ୍ର ହୋଇଥିଲା । ଜବାବରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ୍' ଆମେରିକାର ସାମରିକ ଘାଟୀ

ଏବଂ ଆଞ୍ଚଳିତ ସହଯୋଗୀମାନଙ୍କୁ ଲକ୍ଷ୍ୟ କରି ସମନ୍ୱିତ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଥିଲା ।

## ବ୍ୟାଡ୍‌ମିଣ୍ଟନ୍

ବ୍ୟାଡ୍‌ମିଣ୍ଟନରେ ଭାରତର ଆୟୁଷ ସେଟ୍ଟୀ ଏକ ଚମତ୍କାର ପ୍ରତ୍ୟାବର୍ତ୍ତନ ବିଜୟ ସହ ଚୀନ୍‌ର ଓ୍ୱେଙ୍ଗ୍ ହଙ୍ଗ ୟାଙ୍ଗ'ଙ୍କୁ ୮-୨୧, ୨୨-୨୦ ଏବଂ ୨୧-୧୫ରେ ପରାସ୍ତ କରି ଇଣ୍ଡୋନେସିଆ ଓପନ୍ ସୁପର ଥାଉଜାଣ୍ଡ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ମିକ୍ସଡ୍ ଡବଲ୍‌ସରେ ମଧ୍ୟ ଭାରତ ଏକ ସ୍ମରଣୀୟ ବିଜୟ ହାସଲ କରିଛି । ରୋହନ କପୁର ଏବଂ ଋତୁପର୍ଣ୍ଣା ଗାଡ୍ରେଙ୍କ ଯୋଡ଼ି ଚୀନ ତାଇପେଇର ୟାଙ୍ଗ୍ ପୋ-ହୁଆନ୍ ଏବଂ ହୁ ଲିଙ୍ଗ୍ ଫାଙ୍ଗ୍'ଙ୍କୁ ସିଧାସଳଖ ୨୧-୧୪ ଓ ୨୧-୧୪ରେ ପରାସ୍ତ କରିଛନ୍ତି ।

ଅନ୍ୟପକ୍ଷରେ ସାତ୍ତ୍ୱିକ୍ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀଙ୍କ ଯୋଡ଼ି ମାଲେସିଆର କାଙ୍ଗ୍ ମୀନ ହ୍ୟୁକ୍ ଏବଂ ମ୍ୟାନ୍ ଓ୍ୱେଇ ଚୋଙ୍ଗ୍'ଙ୍କ ବିପକ୍ଷରେ ପୁରୁଷ ଡବଲ୍‌ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରୁ ସାତ୍ତ୍ୱିକ ଆହତ ହେବା ପରେ ଓହରି ଯାଇଥିଲେ । ପୁରୁଷ ସିଙ୍ଗଲ୍‌ସ୍‌ରେ ଏଚ୍.ଏସ୍. ପ୍ରଣୟ ଆୟାର୍ଲାଣ୍ଡର ହାଟ୍ ଗୁୟେଁ'ଙ୍କ ସହ ସଂଘର୍ଷପୂର୍ଣ୍ଣ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

ମହିଳା ସିଙ୍ଗଲ୍‌ସରେ ଆଜି ଭାରତର ଉନ୍ନତି ହୁଡ୍ଡା ଜାପାନର ପୂର୍ବତନ ବିଶ୍ୱ ଚାମ୍ପିୟନ୍ ନୋଜୋମି ଓକୁହାରାଙ୍କୁ ଭେଟିବେ ।

*****